**୨୪.୦୯.୨୦୨୫**

**ସୂର୍ଯ୍ୟଘର ଯୋଜନାରେ ଆର୍ଥିକ ସହାୟତା**

**ଅଣତାରକା ପ୍ରଶ୍ନ ସଂଖ୍ୟା ୧୮୧୨. ଶ୍ରୀ ଅମର କୁମାର ନାୟକ :** ଉପ ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି :- PM-ସୂର୍ଯ୍ୟଘର ଯୋଜନାରେ ଜଣେ ଉପଭୋକ୍ତାଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କେତେ ଟଙ୍କାର ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା ରହିଛି, ଏହି ଯୋଜନାର ହିତାଧିକାରୀ ହେବା ନିମନ୍ତେ ରାଜ୍ୟର କେତେ ଜଣ ବ୍ୟକ୍ତି ଆବେଦନ କରିଛନ୍ତି, ସେମାନଙ୍କ ମଧ୍ୟରୁ କେତେ ଜଣଙ୍କର ଘର ଛାତ ଉପରେ ସୋଲାର ପ୍ୟାନେଲ୍ ସ୍ଥାପନ ସରିଛି, (କ) ସୋଲାର ପ୍ୟାନେଲ ସ୍ଥାପନର ଜାତୀୟ ଏବଂ ଓଡ଼ିଶାର ହାର କେତେ, ସୋଲାର ପ୍ୟାନେଲ ସ୍ଥାପନରେ ଅହେତୁକ ବିଳମ୍ବ ହେଉଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଯଦି ହଁ, ଏହାର ନିରାକରଣ ପାଇଁ କି ପଦକ୍ଷେପ କେବେ ସୁଦ୍ଧା ନେବେ ?

**ଉତ୍ତର**

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପ ମୁଖ୍ୟମନ୍ତ୍ରୀ (ଶକ୍ତି) :-**

PM-ସୂର୍ଯ୍ୟଘର ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଦାନ କରୁଥିବା ଆର୍ଥିକ ସହାୟତାର ପରିମାଣ ନିମ୍ନରେ ପ୍ରଦାନ କରାଗଲା 

| ସୋଲାର ପ୍ୟାନେଲ୍ କ୍ଷମତା | କେନ୍ଦ୍ର ସରକାରଙ୍କ ସହାୟତା | ରାଜ୍ୟ ସରକାରଙ୍କ ସହାୟତା |
|---|---|---|
| ୧ କିଲୋ ୱାଟ | ୩୦,୦୦୦ | ୨୫,୦୦୦ |
| ୨ କିଲୋ ୱାଟ | ୬୦,୦୦୦ | ୫୦,୦୦୦ |
| ୩ କିଲୋ ୱାଟ କିମ୍ବା ତଦୁର୍ଦ୍ଧ୍ୱ | ୭୮,୦୦୦ | ୬୦,୦୦୦ |

ତା ୧୭.୦୯.୨୦୨୫ ରିଖ ସୁଦ୍ଧା ୧,୩୮,୧୯୨ ବିଦ୍ୟୁତ ଗ୍ରାହକ PM-ସୂର୍ଯ୍ୟଘର ଯୋଜନାରେ ଆବେଦନ କରିଛନ୍ତି, ସେମାନଙ୍କ ମଧ୍ୟରୁ ୧୪,୪୨୪ ଜଣଙ୍କର ଘର ଛାତ ଉପରେ ସୋଲାର ପ୍ୟାନେଲ୍ ସ୍ଥାପନ ସରିଛି । ଗତ ଅଗଷ୍ଟ ମାସରେ ସମଗ୍ର ଭାରତରେ ଦୈନିକ ୪୨୮୩ ଜଣ ହିତାଧିକାରୀଙ୍କ ଛାତ ଉପରେ ସୋଲାର ପ୍ୟାନେଲ୍ ସ୍ଥାପନ କରାଯାଇଥିବା ବେଳେ ଓଡ଼ିଶାରେ ଦୈନିକ ୭୪ ଜଣ ହିତାଧିକାରୀଙ୍କ ଛାତରେ ସୌର ପ୍ୟାନେଲ୍ ସ୍ଥାପନ କରାଯାଇଛି ।